بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୩ ଜୁନ୍ ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ମକ୍କା ବିଜୟର ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ ସ.ଅଙ୍କ ପବିତ୍ର ଜୀବନୀର ବର୍ଣ୍ଣନା ଏବଂ ଇରାନ୍ ଓ ଇସ୍ରାଇଲ୍ ଦେଶ ମଧ୍ୟରେ ବିବାଦ ପରିପ୍ରେକ୍ଷୀରେ ଦୁଆ କରିବାକୁ ଆହ୍ୱାନ ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱହ୍‌ଦହୁ ଲାଶରିକା ଲହୁ ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ୱ ଇୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ୱଲଦ୍ଦ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରାଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନୱ୍ୱରଅ.ବ କହିଲେ; କିଛି ଜୁମା ପୂର୍ବରୁ ମକ୍କା ବିଜୟ ସଂକ୍ରାନ୍ତରେ ପ୍ରାରମ୍ଭିକ ଘଟଣାବଳୀର ଚର୍ଚ୍ଚା କରିଥିଲି । ଆଜି ତାହାର ଅତିରିକ୍ତ ବ୍ୟାଖ୍ୟା ବର୍ଣ୍ଣନା କରିବି । ଏହି ଯୁଦ୍ଧର ମୂଳ କାରଣ ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ମକ୍କାର କୁରେଶ ହୁଦୈବିୟାରେ ହୋଇଥିବା ସନ୍ଧିକୁ ସେହିକ୍ଷଣି ଭଙ୍ଗ କରି ଦେଇଥିଲେ ଏବଂ ହୁଜୁର ସ.ଅଙ୍କ ପ୍ରେରିତ ଦୂତକୁ ଅତି ଅହଂକାର ଭଙ୍ଗିରେ କହିଲେ; ଆମେମାନେ ତୁମ ସହିତ କରିଥିବା ସନ୍ଧିକୁ ଭଙ୍ଗ କରୁଅଛୁ । ଏବେ ଆମେ ମହାଭାଗଙ୍କ ସହିତ ଯୁଦ୍ଧର ଘୋଷଣା କରୁଅଛୁ । ଯେତେବେଳେ ହୁଜୁର ସ.ଅଙ୍କୁ ଏହି ସୂଚନା ମିଳିଲା ସେତେବେଳେ ପୁଣ୍ୟଶ୍ଳୋକସ.ଅ ମକ୍କା ଅଭିମୁଖେ (ମୁସଲମାନମାନଙ୍କ) ସହିତ ଯାତ୍ରା କଲେ ।

ଅମାନ୍ୟକାରୀଙ୍କର ସର୍ତ୍ତଭଙ୍ଗ କରିବାର ବ୍ୟାଖ୍ୟା ଏପରି ବର୍ଣ୍ଣିତ ରହିଛି ଯେ, ଯେତେବେଳେ ହୁଦୈବିୟା ଚୁକ୍ତି ସଙ୍ଘଟିତ ହେଲା, ତହିଁରେ ଗୋଟିଏ ସର୍ତ୍ତ ଏହା ଥିଲା ଯେ, ଆରବର ଗୋଷ୍ଠୀମାନଙ୍କ ମଧ୍ୟରୁ ଯେ ଚାହିଁବ ନବୀଶ୍ରେଷ୍ଠଙ୍କ ସହିତ ସନ୍ଧି କରିପାରିବ । ଆଉ ଯାହାର ଇଚ୍ଛା ସେ ମକ୍କାର କୁରୈଶମାନଙ୍କ ସହିତ ସନ୍ଧି କରିପାରିବ । ଅତଏବ ବନୁବକର୍ ଓ ବନୁ ଖୁଜା'ଆ ଯେ କି ମକ୍କାର ପବିତ୍ର ପୀଠସ୍ଥଳୀ ଆଖପାଖରେ ଅବସ୍ଥାନ କରୁଥିଲେ ସେମାନଙ୍କ ମଧ୍ୟରୁ ବନୁ ଖୁଜା'ଆ ହଜରତ ମୁହମ୍ମଦ ସ.ଅଙ୍କ ସହିତ ସନ୍ଧି କରିନେଲା ଏବଂ ସେମାନଙ୍କର ପ୍ରତିପକ୍ଷ କବିଲା ଅର୍ଥାତ୍ ବନୁ ବକର୍ କୁରୈଶେ ମକ୍କା ସହିତ ସନ୍ଧି କରିନେଲା । ଏପରି ଉଭୟ କବିଲା ପରସ୍ପର ସହିତ ସଂଘର୍ଷ କରିବାରୁ ସୁରକ୍ଷିତ ହୋଇଗଲେ । ଅନ୍ଧକାରମୟ ଯୁଗରେ ବନୁ ଖୁଜା'ଆ ଓ ବନୁବକର୍ ମଧ୍ୟରେ ମୁକାବିଲା ହୋଇଥିଲା, ଯହିଁରେ ବନୁ ବକର୍ ବନୁ ଖୁଜା'ଆର ଜଣେ ବ୍ୟକ୍ତିକୁ ହତ୍ୟା କରି ଦେଇଥିଲା । ତାହାର ପ୍ରତିବଦଳରେ ବନୁ ଖୁଜା'ଆ ବନୁ ବକର୍‌ର ତିନିଜଣ ବ୍ୟକ୍ତିଙ୍କୁ ପବିତ୍ର ମକ୍କା ସହର ସୀମାନ୍ତରେ ନିହତ କରିଥିଲେ । ଏପରି ଉଭୟ ବନୁ ବକର୍ ଓ ବନୁ ଖୁଜା'ଆ କବିଲା ମଧ୍ୟରେ ତିକ୍ତତା ଅର୍ଥାତ୍ କଳହ ଲାଗି ରହିଥିଲା ଯେ ମହାଭାଗ ସ.ଅଙ୍କର ଆବିର୍ଭାବ ହେଲା । ଆଉ ଲୋକମାନେ ଇସଲାମ ସଂକ୍ରାନ୍ତରେ ଅବଗତ ହେବାକୁ ମାତିଗଲେ । କାରଣ ଏକ ନୂତନ ପ୍ରସଙ୍ଗ ସେମାନଙ୍କର ଦୃଷ୍ଟିଗୋଚର ହୋଇଥିଲା ଏବଂ ସେଥି ସଂକ୍ରାନ୍ତରେ ଆଲୋଚନା ହେଉଥିଲା । ତେଣୁ

ସେହି ଉଭୟ କବିଲା ପରସ୍ପରର ମୁକାବିଲାରୁ ବିରତ ହୋଇଗଲେ କିନ୍ତୁ ସେମାନଙ୍କ ହୃଦୟରେ ପରସ୍ପର ପ୍ରତି କ୍ରୋଧ ଓ ଆକ୍ରୋସ ଦବି ରହିଥିଲା ।

ଯେତେବେଳେ ଶାବାନ୍ ମାସ ୮ ହିଜ୍‌ରୀକୁ ହୁଦୈବିୟା ସନ୍ଧି ହେବାର ୨୨ମାସ ଅତିକ୍ରାନ୍ତ (ପୂରଣ) ହେଲା ସେତେବେଳେ ବନୁ ବକର୍‌ର ଜଣେ ବ୍ୟକ୍ତି ହୁଜୁର [ସ.ଅ]ଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ କଲା ଅର୍ଥାତ୍ କିଛି ତିରସ୍କାର ପୂର୍ଣ୍ଣ କବିତା କହିଲା । ତାହାକୁ ବନୁ ଖୁଜା'ଆର ଜଣେ ଯୁବକ ଶୁଣିବାରୁ ସେ ସମ୍ପୃକ୍ତ ବ୍ୟକ୍ତିକୁ ମାରି ତାହାର ମୁଣ୍ଡ ଫଟାଇ ଦେଲା । ଏହି ଘଟଣାକୁ କେନ୍ଦ୍ର କରି ଉଭୟ କବିଲା ମଧ୍ୟରେ କଳହ ଆରମ୍ଭ ହୋଇଗଲା । ଯେତେବେଳେ କି ପୂର୍ବରୁ ହିଁ ଉଭୟ ଦଳ ମଧ୍ୟରେ ଶତ୍ରୁତା ରହିଥିଲା । ବକର୍ କବିଲାର ଯେଉଁ ବ୍ୟକ୍ତି ଜଣକ ହୁଜୁର [ସ.ଅ]ଙ୍କର ମର୍ଯ୍ୟାଦା କ୍ଷୁର୍ଣ୍ଣ ପୂର୍ଣ୍ଣ କବିତା ଲେଖିଥିଲେ ସେ ବାସ୍ତବରେ ବନୁ ନଫାସା (ଗୋଷ୍ଠୀର) ବ୍ୟକ୍ତି ଥିଲା । ଯେତେବେଳେ ସେହି କବିକୁ ବନୁ ଖୁଜା'ଆର ଜଣେ ଯୁବକ କ୍ଷତାକ୍ତ କରିଥିଲେ ସେତେବେଳେ ବନୁ ବକର୍ ମଧ୍ୟରୁ ବନୁ ନଫାସା ବନୁ ଖୁଜା'ଆ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ କୁରୈଶ ଠାରୁ ସୈନିକ ଓ ଅସ୍ତ୍ରଶସ୍ତ୍ରର ସାହାଯ୍ୟ ଲୋଡ଼ି ଥିଲେ । କୁରୈଶବାସୀ ଅବୁ ସୁଫିୟାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଲୋକମାନଙ୍କ ଦ୍ୱାରା ସେହି ଦଳର ସାହାଯ୍ୟ କରିବାକୁ ରାଜି ହୋଇଗଲେ । ସେ (ଅର୍ଥାତ୍ ଅବୁ ସୁଫିୟାନ) ନା ଏହି ପରାମର୍ଶ ଦେଇଥିଲା ଏବଂ ନା ତାହାକୁ ଏହା ଜ୍ଞାତ ଥିଲା । ଆଉ ଏକ ବର୍ଣ୍ଣନା ଏହା ମଧ୍ୟ ରହିଛି ଯେ, ତାହା ସହିତ ପରାମର୍ଶ କରାଯାଇଥିଲା, କିନ୍ତୁ ସେ ଯୁଦ୍ଧ କରିବାକୁ ଅସ୍ୱୀକାର କରିଦେଲା । ତଥାପି କୁରୈଶ ବନୁ ବକର୍ ଦଳକୁ ସୈନିକ, ଅସ୍ତ୍ରଶସ୍ତ୍ର ଓ ଘୋଡ଼ା ଆଦି ପ୍ରଦାନ କରି ସେମାନଙ୍କୁ ସହଯୋଗ କରିଥିଲେ । ଆଉ ସେମାନେ ଅତି ଗୋପନୀୟ ଭାବରେ ଆକ୍ରମଣ କରିଥିଲେ ଯଦ୍ୱାରା ବନୁ ଖୁଜା'ଆ ନିଜର ପ୍ରତିରକ୍ଷା କରିପାରିବ ନାହିଁ । ବନୁ ଖୁଜା'ଆ ସନ୍ଧି କରିଥିବା ଯୋଗୁଁ ନିଜକୁ ସୁରକ୍ଷିତ ମଣୁଥିଲା ଏବଂ ଏକ ଆସନ୍ନ ବିପତ୍ତିରୁ ଅଜ୍ଞାତ ଓ ଅନାୟାସରେ ଥିଲା । କୁରୈଶ, ବନୁ ବକର୍ ଓ ବନୁ ନଫାସା ଓ୍ୱତିର୍ ସ୍ଥାନରେ ପରସ୍ପର ସହିତ ଭେଟିବାର ପ୍ରତିଜ୍ଞା କଲେ । ଓ୍ୱତିର୍ ପବିତ୍ର ମକ୍କା ସହରର ସୀମାନ୍ତ ଅଞ୍ଚଳ ଥିଲା ଏବଂ ବନୁ ଖୁଜା'ଆ ସେହି ସ୍ଥଳେ ଅବସ୍ଥାନ କରୁଥିଲେ । ସେହି ବିରୋଧୀ ଲୋକମାନେ ପୂର୍ବ ନିର୍ଦ୍ଧାରିତ ସମୟରେ ସେଠାରେ ପହଞ୍ଚି ପରସ୍ପର ସହିତ ସାକ୍ଷାତ କଲେ । କୁରୈଶର ଧନାଢ଼୍ୟ ଲୋକମାନେ ଛଦ୍ମବେଶରେ ଆସିଥିଲେ ଏବଂ ନିଜ ଚେହେରା ଢ଼ାଙ୍କି ରଖିଥିଲେ ।

ହଜରତ ମୁସଲେହ୍ ମଉଦ[ର.ଅ] ମଧ୍ୟ ଇତିହାସ ଦୃଷ୍ଟିକୋଣରୁ ଏହି ଘଟଣାକୁ ବର୍ଣ୍ଣନା କରିଛନ୍ତି । ଏହିପରି ଉଲ୍ଲେଖ ରହିଛି ଯେ, ମକ୍କାବାସୀ ଅବୁ ସୁଫିୟାନକୁ ମଦିନା ଅଭିମୁଖେ ପ୍ରେରଣ କଲେ ଯଦ୍ୱାରା ସେ ମୁସଲମାନମାନଙ୍କୁ କୌଣସି ମତେ ଆକ୍ରମଣ କରିବାରୁ ବିରତ ରଖିବେ । ବସ୍ତୁତଃ ଅବୁ ସୁଫିୟାନ ମଦିନା ପହଞ୍ଚି ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଯୁଦ୍ଧ ନକରିବାକୁ ବହୁତ କାକୁତି ମିନତି ହେଲା । ଆହୁରି କହିଲା ଯେହେତୁ ସେ ହୁଦୈବିୟା ଚୁକ୍ତି ସମୟରେ ଉପସ୍ଥିତ ନଥିଲା ତେଣୁକରି ନୂତନ ରୂପେ ଚୁକ୍ତି ସାକ୍ଷର କରାଯାଉ । କିନ୍ତୁ ପୁଣ୍ୟଶ୍ଳୋକ ତାହାର କୌଣସି ଉତ୍ତର ଦେଲେ ନାହିଁ । କାରଣ ଏପରି ପ୍ରସଙ୍ଗରେ ଉତ୍ତର ଦେଲେ ଲୁକ୍କାୟିତ ବିଷୟ ପ୍ରକାଶିତ ହୋଇଯାଇଥାଏ । ଶେଷରେ ଅବୁ ସୁଫିୟାନ ବ୍ୟତିବ୍ୟସ୍ତ ହୋଇ ମସଜିଦ୍‌ରେ ଛିଡ଼ା ହୋଇ ଏହି ଘୋଷଣା କଲା, ହେ ଲୋକମାନେ ! ମୁଁ ମକ୍କାବାସୀଙ୍କ ତରଫରୁ ନୂତନ ରୂପେ ଆପଣମାନଙ୍କ ସହିତ ଶାନ୍ତିର ଚୁକ୍ତି କରୁଅଛି । ଏକଥା ଶୁଣି ମୁସଲମାନମାନେ

ତାହାର ମୂର୍ଖତାରେ ହସି ଉଠିଲେ ଏବଂ ହୁଜୁର[ସ.ଅ] କହିଲେ; ଅବୁ ସୁଫିୟାନ ଏକଥା ତୁମେ ଏକ ତରଫା କହୁଅଛ, ଆମେ ଏବେ ତୁମ ସହିତ କୌଣସି ଚୁକ୍ତି ସାକ୍ଷର କରିବୁ ନାହୁଁ । ସେ ଯାହା ହେଉ ଏହି ଘଟଣାର ଚର୍ଚ୍ଚା କରି ହଜରତ ମୁସଲେହ୍ ମଉଦ[ର.ଅ] ଉଲ୍ଲେଖ କରିଛନ୍ତି ଯେ, ହଜରତ ମୈମୁନା[ର.ଅ] କହିଲେ; ଏକଦା ଦିନେ ରାତିରେ ଅର୍ଥାତ୍ ମୋ ପାଳିରେ ହୁଜୁର[ସ.ଅ] ମୋ କକ୍ଷରେ ଶୟନ କରୁଥିଲେ ଯେତେବେଳେ ହୁଜୁର[ସ.ଅ] ତହ୍‌ଜୁଦ ନମାଜ ପାଠ କରିବାକୁ ଉଠିଲେ ସେତେବେଳେ ଅର୍ଥାତ୍ ଓଜୁ କରିବା ସମୟରେ ହୁଜୁର[ସ.ଅ] କହିଲେ; ଲବୈକ୍ ଲବୈକ୍ ଲବୈକ୍, ଯାହାକି ମୋତେ ଶୁଣାଗଲା । ସେଥିଅନ୍ତେ ପୁନଃ ହୁଜୁର[ସ.ଅ] କହିଲେ; ନୁସିର୍‌ତୁ ନୁସିର୍‌ତୁ ନୁସିର୍‌ତୁ । ସେ କୁହନ୍ତି; ଯେତେବେଳେ ମହାଭାଗ ବାହାରକୁ ବାହାରିଲେ ସେତେବେଳେ ମୁଁ ପଚାରିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ କେହି ଆସିଥିଲେ କି ଯାହା ସହିତ ଆପଣ ବାର୍ତ୍ତାଳାପ କରୁଥିଲେ ? ହୁଜୁର[ସ.ଅ] ଉତ୍ତର ଦେଲେ ହଁ ମୋ ସମ୍ମୁଖରେ ଅଲୌକିକ ଦୃଶ୍ୟ (ସ୍ୱପ୍ନାଦେଶ)ରେ ବନୁ ଖୁଜା'ଆର ଏକ ଦଳ ଉପସ୍ଥିତ ଥିଲା ଏବଂ ସେମାନେ ଚିତ୍କାର କରୁଥିଲେ ଯେ, ଆମେ ମୁହମ୍ମଦ [ସ.ଅ]ଙ୍କୁ ତାଙ୍କ ପ୍ରଭୁଙ୍କ ରାଣ ଖାଇ କହୁଅଛୁ ଯେ, ତୁମ ଓ ତୁମ ବାପଦାଦାଙ୍କ ସହିତ ଆମେ ସନ୍ଧି କରିଥିଲୁ ଏବଂ ଆମେ ତୁମ ସାହାଯ୍ୟ କରି ଆସିଛୁ । କିନ୍ତୁ ଆମ ସହିତ ପ୍ରତିଜ୍ଞା ଭଙ୍ଗ କରାଗଲା ଏବଂ ରାତ୍ର ସମୟରେ ଆମ ଉପରେ ଆକ୍ରମଣ କରାଗଲା ଯେତେବେଳେ ଆମମାନଙ୍କ ମଧ୍ୟରୁ କେହି ସଜ୍‌ଦାରେ ରହିଥିଲା ତ କେହି ରୁକୁ କରୁଥିବା ଅବସ୍ଥାରେ ଏବଂ ଆମ ଲୋକମାନଙ୍କର ବଧ କରାଗଲା । ଏବେ ଆମେ ତୁମ ସାହାଯ୍ୟ କରିବା ପାଇଁ ଆସିଅଛୁ । ବସ୍ତୁତଃ ମହାଭାଗ କହିଲେ; ମୁଁ ଦେଖିଲି ବନୁ ଖୁଜା'ଆର ବ୍ୟକ୍ତି ଛିଡ଼ା ହୋଇଅଛି । ଯେତେବେଳେ ଅଲୌକିକ ଦୃଶ୍ୟରେ ସେହି ବ୍ୟକ୍ତି ଜଣକ ମୋତେ ଦୃଷ୍ଟିଗୋଚର ହେଲା ସେତେବେଳେ ମୁଁ କହିଲି; ଲବୈକ୍ ଲବୈକ୍ ଲବୈକ୍ ଅର୍ଥାତ୍ ମୁଁ ତୁମ ସାହାଯ୍ୟ କରିବା ସକାଶେ ଉପସ୍ଥିତ, ଏହି ଉକ୍ତି (ମହାଭାଗ) ତିନି ଥର କହିଲେ । ପୁନଶ୍ଚ ମୁଁ କହିଲି, ନୁସିର୍‌ତୁ ନୁସିର୍‌ତୁ ନୁସିର୍‌ତୁ । ଅର୍ଥାତ୍ ତୁମର ସାହାଯ୍ୟ କରାଯିବ, ଏହା ମଧ୍ୟ ତିନିଥର କହିଲେ । ତା'ପରେ ହଜରତ ଆଏଶା[ର.ଅ] କୁହନ୍ତି; ସେହିଦିନ ପ୍ରଭାତରେ ମହାଭାଗ ମୋ ଗୃହକୁ ଆସିଲେ ଏବଂ କହିଲେ; ବନୁ ଖୁଜା'ଆ ସହିତ ଏକ ଭୟଙ୍କର ଘଟଣା ଘଟିଲା । ହଜରତ ଆଏଶା[ର.ଅ] କୁହନ୍ତି; ମୁଁ ବୁଝିଗଲି ଯେ, ବନୁ ଖୁଜା'ଆ ସହିତ ଏକ ଭୟଙ୍କର ଘଟଣା ଏହା ହିଁ ହୋଇଥାଇପାରେ । ତାହା ମକ୍କାର ସୀମାନ୍ତରେ ଅବସ୍ଥିତ ଥିଲା ଏବଂ ମକ୍କାବାସୀ ଯାହାଙ୍କର ବନୁ ବକର୍ ସହିତ ସନ୍ଧି ରହିଥିଲା, ସେମାନେ ବନୁ ଖୁଜା'ଆ ଉପରେ ଆକ୍ରମଣ କରିଦେଲେ । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଏହା ସମ୍ଭବ ଯେ, ଏପରି ଦୃଢ଼ ସଙ୍କଳ୍ପ କରିବା ପରେ କୁରେଶ ନିଜ ପ୍ରତିଜ୍ଞା ଭଙ୍ଗ କରିଦେବେ ଏବଂ ସେମାନେ ବନୁ ଖୁଜା'ଆ ଉପରେ ଆକ୍ରମଣ କରିଦେବେ । ହୁଜୁର[ସ.ଅ] କହିଲେ; ହଁ ଅଲ୍ଲାଃତାଲାଙ୍କ ଧାର୍ଯ୍ୟ ବିଧାନ ଅନ୍ତର୍ଗତ ସେମାନେ ଏହି ସନ୍ଧି ଭଙ୍ଗ କରିବେ ଏବଂ ତହିଁରେ (ଭେଦ) ଏହି କି ଯେ, ନବୀଶ୍ରେଷ୍ଠ ହଜରତ ମୁହମ୍ମଦ [ସ.ଅ]ଙ୍କୁ ଆକ୍ରମଣ କରିବାର ଅନୁମତି ନଥିଲା ଏବଂ ଏପରି ସନ୍ଧି ଭଙ୍ଗ କରିବା ଦ୍ୱାରା (ଆକ୍ରମଣ କରିବାର ବାଟ ଉନ୍ମୁକ୍ତ) ହୋଇଯିବ । ହଜରତ ଆଏଶା[ର.ଅ] କୁହନ୍ତି; ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ ଏହାର ପରିଣତି ମଙ୍ଗଳମୟ ହେବ ? ହୁଜୁର[ସ.ଅ] ଉତ୍ତର ଦେଲେ; ହଁ ଏହାର ଉତ୍ତମ ପରିଣତି ହିଁ ଉଦ୍ଭୂତ ହେବ । ଏହାର ଅତିରିକ୍ତ ବ୍ୟାଖ୍ୟା ଇନ୍‌ଶାଅଲ୍ଲାଃ ଆସନ୍ତାରେ ବର୍ଣ୍ଣନା କରିବି ।

ମହାମହିମ ହୁଜୁର ଅନୱ୍ୱର[ଅ.ବ] କହିଲେ; ଏବେ ମୁଁ ଇରାନ୍ ଓ ଇସ୍ରାଇଲ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦ ଦୃଷ୍ଟିକୋଣରୁ (ସଦସ୍ୟବୃନ୍ଦଙ୍କୁ) ଦୁଆ କରିବାକୁ ଆହ୍ୱାନ ଦେଉଛି । ବର୍ତ୍ତମାନ ବିଶ୍ୱରେ ଯେପରି ଉତ୍କଟ ପରିସ୍ଥିତି ଉତ୍ପନ୍ନ ହୋଇଛି ସେଥି ସଂକ୍ରାନ୍ତରେ ମୁଁ କହିବାକୁ ଚାହେଁ ଯେ, ଦୁଆ କରିବା ଜାରି ରଖିଥାନ୍ତୁ । ଯେପରିକି ମୁଁ ଅଧିକାଂଶ ସମୟରେ କହିଥାଏ ଯେ, ଅଲ୍ଲାଃତାଲାଙ୍କ ସମକ୍ଷ ଦୁଆ ଅବ୍ୟାହତ ରଖନ୍ତୁ । ଯୁଦ୍ଧର ପରିସର ବ୍ୟାପକ ହେବାର ସମ୍ଭାବନା ବଢିଚାଲିଛି ତେଣୁ ଦୁଆ କରନ୍ତୁ ଯେ, ଅଲ୍ଲାଃତାଲା ସେହି (ଯୁଦ୍ଧର) ମହା ବିନାଶକାରୀ ପ୍ରଭାବରୁ ଆମକୁ ସୁରକ୍ଷିତ ରଖନ୍ତୁ । କାରଣ ଏବେ ତ ଇରାନ ଇସ୍ରାଇଲ୍ ଉପରେ ଆକ୍ରମଣ କରିଦେଇଛି । ଆଉ ଏହା ଭୟଙ୍କର ରୂପ ଧାରଣ କରିନେଇଛି ।

ସେହି ଲୋକମାନେ ଅର୍ଥାତ୍ ଇସ୍ରାଇଲ୍ ପ୍ରଶାସନ ତ ଏହା ଚାହୁଁଛି ଯେ, ଗୋଟି ଗୋଟି କରି ସମସ୍ତ ମୁସଲମାନ ରାଷ୍ଟ୍ରମାନଙ୍କୁ କ୍ଷତି ପହଞ୍ଚୁ । ଆଉ ମୁସଲମାନ ରାଷ୍ଟ୍ରମାନେ ଶୋଇ ରହିଛନ୍ତି । ନିଜ ଉନ୍ନତି ଓ ନିଜ ଅନ୍ୟାନ୍ୟ ଆବଶ୍ୟକତାକୁ ପ୍ରାଥମିକତା ଦେବାରେ ନିମର୍ଜ୍ଜିତ ରହିଛନ୍ତି । ଅସଲରେ ସେମାନଙ୍କୁ ବୁଝା ପଡୁ ନାହିଁ ଯେ, କ'ଣ କରିବା ସଠିକ୍ ହେବ । ମୁସଲମାନମାନେ ନା ତ ନିଜ ଶିକ୍ଷାର ପାଳନ କରୁଛନ୍ତି ନା ସେମାନେ ଦୁଆ କରିବା ପ୍ରତି ମନୋଯୋଗ କରୁଛନ୍ତି । **ଏପରି ଅବସ୍ଥାରେ ସେମାନଙ୍କର ଯେଉଁ କ୍ଷତି ଓ ଅନର୍ଥ ହେବ ତାହାର ସେମାନେ ପରିକଳ୍ପନା ମଧ୍ୟ କରିପାରିବେ ନାହିଁ ।** ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ ଏବଂ ସେମାନେ ପରସ୍ପର ମଧ୍ୟରେ ଏକତା ସ୍ଥାପନ କରିବାକୁ ଉଦ୍ୟମ କରନ୍ତୁ ।

ଏପରି ନୁହେଁ ଯେ, ସେ ଅମକ ଗୋଷ୍ଠୀର ଏବଂ ମୁଁ ଅନ୍ୟ (ମୁସଲମାନ) ଗୋଷ୍ଠୀର ତେଣୁ ଆମେ ତାହାର କାହିଁକି ବା ସାହାଯ୍ୟ କରିବା । ଦେଖ ! ସମସ୍ତ ଦେଶ ଘୋର ବିପଦ ଘେରରେ ରହିଛନ୍ତି କାରଣ ଅଲ୍‌କୁଫରୁ ମିଲ୍ଲତୁନ୍ ୱାହିଦା ପାଲଟି ଯାଇଛି ଅର୍ଥାତ୍ ସମସ୍ତ ଅମାନ୍ୟକାରୀମାନେ ଗୋଟିଏ ଦଳ ହୋଇଯାଇଛନ୍ତି । ଏବେ ମୁସଲମାନମାନଙ୍କୁ ଉମ୍ମତେ ୱାହିଦା ହେବା ଉଚିତ୍ ତେବେଯାଇ ସେମାନେ ସୁରକ୍ଷିତ ରହିପାରିବେ । **ଏତଦ୍ ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ ।** ଅଲ୍ଲାଃତାଲା ପ୍ରତ୍ୟେକ ନିରୀହ ଓ ଅତ୍ୟାଚାରୀତଙ୍କୁ ବଡ ବିପଦରୁ ରକ୍ଷା କରନ୍ତୁ ଏବଂ ଆମମାନଙ୍କର ଦୁଆ କରିବାକୁ ବହୁତ ଅଧିକ ଧ୍ୟାନ କେନ୍ଦ୍ରିତ କରାନ୍ତୁ । ଅଲ୍ଲାଃତାଲା ଆମମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ୱ ନସ୍‌ତଇନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଅଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଇୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହା ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ୱଲ୍ ଇହ୍‌ସାନି ୱଇତାଇଜିଲ କୁର୍‌ବା ୱୟନ୍‌ହା ଅନିଲ୍ ଫହ୍‌ଶାଇ ୱଲ୍ ମୁନ୍‌କରି ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

13th June 2025

*Translated to Odia by :* Moulavi Anwar Ahmad Khan